


## ଟିଜି-ଫେମ୍ ଶୃଙ୍ଖଳା

(ଲକ୍ଷ୍ୟ ସମୂହ - ଆର୍ଥିକ ସଚେତନତା ସନ୍ଦେଶ)




# ସ୍କୁଲ୍ ଛାତ୍ରଛାତ୍ରୀ/ ବିଦ୍ୟାର୍ଥୀମାନଙ୍କ ପାଇଁ ଆର୍ଥିକ ସାକ୍ଷରତା

ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

**ସନ୍ଦେଶ ୧**

ଚାହିଦା ବନାମ ପ୍ରୟୋଜନ

**ସନ୍ଦେଶ ୨**

ବ୍ୟାଙ୍କ୍ କାରାବାର ସହ ପରିଚୟ

**ସନ୍ଦେଶ ୩**

ନିବେଶ, ବୀମା ଓ ପେନ୍‌ସନ ସମ୍ବନ୍ଧୀୟ ମୂଳଭୂତ କଥା ।

**ସନ୍ଦେଶ ୪**

ଶିକ୍ଷା ଋଣ

**ସନ୍ଦେଶ ୫**

ଆର୍ଥିକ କ୍ଷେତ୍ରରେ ବିନିୟାମକ ସଂସ୍ଥାଗଣ



## ସନ୍ଦେଶ ୧ : ଚାହିଦା ବନାମ ପ୍ରୟୋଜନ

### ନିମ୍ନ ପ୍ରଦତ୍ତ ଚିତ୍ରଗୁଡ଼ିକୁ ଦେଖନ୍ତୁ

| ପ୍ରୟୋଜନ | ଚାହିଦା | ପ୍ରୟୋଜନ | ଚାହିଦା |
|---|---|---|---|
|  |  |  |  |

ଚାହିଦା ଓ ପ୍ରୟୋଜନ ଭିତରେ ଥିବା ପାର୍ଥକ୍ୟ ବୁଝିବା ହିଁ ଅର୍ଥ ପରିଚାଳନା ଓ ସଫଳତାର ପ୍ରଥମ ସୋପାନ । ଉପରେ ଦିଆଯାଇଥିବା ଚିତ୍ରରୁ ଆମେ ଜାଣିପାରିବା ଯେ ପ୍ରୟୋଜନ ଅପରିହାର୍ଯ୍ୟ ଅଟେ । ଅପରିପକ୍ଷେ ଚାହିଦା ଅନିର୍ବାଯ୍ୟ ନୁହେଁ । ଚାହିଦାକୁ ସ୍ଥଗିତ ରଖାଯାଇପାରେ ବା ଟାଳି ଦିଆଯାଇପାରେ । ଆମେ ଯେତେବେଳେ ଆମର ଚାହିଦାକୁ ଜାଣିପାରିବା ଓ ତାହାକୁ ଟାଳିଦେବା ଅଭ୍ୟାସ କରିବା, ଆମେ ଅଧିକତର ଆର୍ଥିକ ଲକ୍ଷ୍ୟ ପ୍ରାପ୍ତି କରିବାରେ ସଫଳ ହୋଇପାରିବା ।

### (Budgeting) ବଜେଟ୍

ବଜେଟ୍ ଏକ ଏପରି କଳା ଯାହାଦ୍ୱାରା ଆୟ ଓ ବ୍ୟୟକୁ ସନ୍ତୁଳନ ରଖାଯାଏ, ଯାହାଦ୍ୱାରା ସୁନିଶ୍ଚିତ କରାଯାଏ ଯେ ବ୍ୟୟ ଆୟଠାରୁ ଅଧିକ ନ ହେଉ । ସମସ୍ତ ଖର୍ଚ୍ଚ ପରେ ଯଦି କିଛି ବଳକା ଧନ ରହିଯାଏ, ତାହା ଭବିଷ୍ୟତର ଆବଶ୍ୟକତା ପାଇଁ ନିବେଶ କରାଯାଇପାରିବ ।

### ଆୟ ବନାମ ବ୍ୟୟ









## ସନ୍ଦେଶ ୨ : ବ୍ୟାଙ୍କ୍ କାରବାର ସହ ପରିଚୟ

**ବ୍ୟାଙ୍କ୍** (ଏପରି ଏକ ବିତ୍ତୀୟ ସଂସ୍ଥାନ ଯିଏ ଜମାରାଶି ଗ୍ରହଣ କରେ ତଥା ଋଣ ପ୍ରଦାନ କରେ)


| | |
|---|---|
| **ସଞ୍ଚୟ ଖାତା ଓ ଚାଲୁ ଖାତା**<br>(ଚେକ୍ ବହି ଟଙ୍କା ପ୍ରେରଣ ଡେବିଟ୍ କାର୍ଡ ଓ ୟୁପିଆଇ ସୁବିଧା ଉପଲବ୍ଧ ) | **ସଞ୍ଚୟ ଖାତା**<br>• ଏହା ଏକକ କିମ୍ବା ଯୌଥ ରୂପରେ ଖୋଲାଯାଇ ପାରିବ ।<br>• ଏଥିରେ ଜମାରାଶି ଉପରେ ମାମୁଲି ସୁଧ ପ୍ରଦାନ କରାଯାଏ ।<br>• କିଛି ଖାତାରେ ଏକ ନ୍ୟୁନତମ ଜମାରାଶିର ଆବଶ୍ୟକତା ରହିଥାଏ ।<br>**ଚାଲୁ ଖାତା**<br>• ଏହି ପ୍ରକାର ଖାତା, ମାଲିକାନା କମ୍ପାନୀ, ଭାଗିଦାରୀ ଫାର୍ମ, ସାର୍ବଜନୀନ ତଥା ଘରୋଇ କମ୍ପାନୀ, ନ୍ୟାସ, ସଂଘ ଭଳି ବ୍ୟବସାୟ ସଂସ୍ଥା ପାଇଁ ଖୋଲାଯାଏ ।<br>• ବ୍ୟାଙ୍କ୍ ଖାତାରେ ଟଙ୍କା ଥିବାଯାଏଁ ଟଙ୍କା ଜମା କିମ୍ବା ଉଠାଣ ସକାଶେ କୌଣସି ପ୍ରକାର ପ୍ରତିବନ୍ଧକ ନଥାଏ ।<br>• ବ୍ୟାଙ୍କ୍ ଖାତାରେ ଜମାରାଶି ଉପରେ ସୁଧ ପ୍ରଦାନ କରାଯାଏ ନାହିଁ ।<br>**ଅପ୍ରାପ୍ତ ବୟସ୍କଙ୍କ ପାଇଁ ସଞ୍ଚୟ ଖାତା**<br>• ଜଣେ ଅପ୍ରାପ୍ତବୟସ୍କ ନିଜର ବାସ୍ତବ ଓ ବୈଧରୂପେ ନିଯୁକ୍ତ ଅଭିଭାବକଙ୍କ ମଧ୍ୟସ୍ଥତାରେ ଯେକୌଣସି ବୟସରେ ବ୍ୟାଙ୍କ ଖାତା ଖୋଲିପାରେ ।<br>• ଯଦି ଜଣେ ଚାହିଁବ ୧୦ ବର୍ଷରୁ ଅଧିକ ବୟସ ହୋଇଥିଲେ ନିଜ ନାମରେ ସ୍ୱାଧୀନ ଭାବରେ ଖାତା ଖୋଲିପାରିବ ।<br>• ୧୮ ବର୍ଷରେ ପଦାର୍ପଣ କଲେ ଭାରତରେ ବୟସ୍କ ରୂପେ ପରିଗଣିତ ହୁଏ, ଏପରି ସ୍ଥଳରେ ସିଏ ତାହାର ଖାତାରେ ଥିବା ଜମାଟଙ୍କାର ପୁଷ୍ଟି କରିବା ଉଚିତ୍ । ଯଦି ଖାତାଟି ପ୍ରାକୃତିକ ଅବା ବୈଧ ଅଭିଭାବକ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ପରିଚାଳନାଗତ ପ୍ରୟୋଜନଗୁଡ଼ିକ ପାଇଁ ନୂତନ ପରିଚାଳନାଗତ ଅନୁଦେଶ ତଥା ପୂର୍ବବର୍ତ୍ତୀ ଅପ୍ରାପ୍ତ ବୟସ୍କର ନମୂନା ହସ୍ତାକ୍ଷର ପ୍ରାପ୍ତ କରି ତାକୁ ରେକର୍ଡରେ ରଖିବା ଉଚିତ୍ । |
| **ଜମାରାଶି** | **ଆବର୍ତ୍ତି ଜମା**<br>• ଆବର୍ତ୍ତି ଜମା ସାଧାରଣତଃ ଆରଡି (RD) ଭାବରେ ଅଧିକ ଜନପ୍ରିୟ ।<br>• ଏକ ନିର୍ଦ୍ଦିଷ୍ଟ ଅବଧି ସକାଶେ କିଛି ନିର୍ଦ୍ଦିଷ୍ଟ ପରିମାଣର ରାଶି ପ୍ରତି ମାସରେ ଜମା କରାଯାଏ । ଉକ୍ତ ଅବଧି ସମାପ୍ତ ହେଲେ ମୋଟ୍ ଜମା ରାଶିକୁ ସୁଧ ସହ ଫେରସ୍ତ କରାଯାଏ । ଏହି ଜମାରାଶି ୬ ମାସରୁ ଆରମ୍ଭ କରି ୧୨୦ ମାସ ପାଇଁ ଖୋଲାଯାଇଥାଏ ।<br>• ଏହି ଜମା ସେହି ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ଅଟେ ଯାହାଙ୍କର ଅଧିକ ମାତ୍ରାରେ ସଞ୍ଚୟ ରାଶି ନାହିଁ । କିନ୍ତୁ ପ୍ରତି ମାସରେ ଅଳ୍ପ ପରିମାଣର ରାଶିର ସଞ୍ଚୟ କରିବା ଚାହାନ୍ତି ।<br>• ଏଥିରୁ ଟଙ୍କା ଉଠାଣ କରାଯାଇପାରେ ନାହିଁ । ତଥାପି ବ୍ୟାଙ୍କ୍ ଚାହିଁଲେ ପରିପକ୍ୱ ଅବଧି ପୂର୍ବରୁ ଖାତା ବନ୍ଦ କରିବାକୁ ଅନୁମତି ଦେଇପାରିବ । ମାସକ ଭିତରେ କିସ୍ତି ଜମା କରିବା ଭଳି ବିଚ୍ୟୁତି ଯୋଗୁ ଅଳ୍ପ ଆର୍ଥିକ ଜୋରିମାନା (Penalty) ପ୍ରଦାନ କରାଯାଏ ।<br>**ସ୍ଥାୟୀ ଜମା**<br>• ୭ ଦିନରୁ ଆରମ୍ଭ କରି ୧୦ ବର୍ଷ ପର୍ଯ୍ୟନ୍ତ ପାଇଁ ଏହି ଜମା କରାଯାଏ ବା Fixed Deposit ଖାତା ଖୋଲାଯାଇଥାଏ ।<br>• ଜମାରାଶି ଓ ଅବଧି ଉପରେ ସୁଧ ହାର ନିର୍ଭର କରେ ।<br>• ସାଧାରଣତଃ ଜମା ଅବଧି ପୂରଣ ହେଲେ ଏକାଥରକେ ସୁଧ ଜମାହୁଏ । ଏଥିରେ ମଧ୍ୟ ସମୟ ଅନ୍ତରାଳରେ ସୁଧ ପାଇବାର ବ୍ୟବସ୍ଥା ରହିଛି ।<br>• ଯଦି ଜମାକାରୀ ଚାହେଁ, ସ୍ଥାୟୀ ଜମା ସମ୍ପୂର୍ଣ୍ଣ ଅବଧି ପୂର୍ବରୁ ମଧ୍ୟ ଟଙ୍କା ଉଠାଯାଇପାରିବ । |
| **ଋଣ** | **ବ୍ୟକ୍ତିଗତ ଋଣ**<br>ଏହି ପ୍ରକାର ଋଣ ଯେକୌଣସି ଉଦ୍ଦେଶ୍ୟରେ ନିଆଯାଇପାରେ । ଏହି ଋଣ ସାଧାରଣତଃ ଜରୁରୀ ଆବଶ୍ୟକତା ପାଇଁ ନିଆଯାଏ ଯଥା - ଚିକିତ୍ସା ବ୍ୟୟ, ବିବାହ ସମ୍ବନ୍ଧୀୟ ଖର୍ଚ୍ଚ ଇତ୍ୟାଦି । ବ୍ୟକ୍ତିଗତ ଋଣରେ ସାଧାରଣତଃ ଅଧିକ ସୁଧ ନିଆଯାଏ ।<br>**ଯାନବାହନ ଋଣ**<br>ଏ ପ୍ରକାର ଋଣ ଗାଡ଼ି, ମଟର, ଯାନବାହାନ କିଣିବାକୁ ଦିଆଯାଏ । ଏହି ଋଣ ନେଇ କିଣାଯାଇଥିବା ଗାଡିମୋଟରକୁ ବ୍ୟାଙ୍କ୍ ନାମରେ ଦୃଷ୍ଟିବନ୍ଧକ () ରଖାଯାଏ । ଋଣ ପରିଶୋଧରେ ଖିଲାପ କଲେ ସମ୍ପୃକ୍ତ ବାହନକୁ ବ୍ୟାଙ୍କ୍ ନିଜ କବ୍‌ଜାକୁ ନେଇଯାଇଥାଏ ।<br>**ବାସଗୃହ ଋଣ**<br>ପ୍ରତ୍ୟେକ ବ୍ୟକ୍ତି ନିଜର ଖଣ୍ଡେ ଘର କରିବାକୁ ସ୍ୱପ୍ନ ଦେଖେ କିନ୍ତୁ ଏଥିପାଇଁ ଗୋଟିଏ ମୋଟା ରକମର ଅର୍ଥରାଶି ଆବଶ୍ୟକ ହୁଏ ; ଯାହାକି ବହୁତ ଲୋକଙ୍କ ସାମର୍ଥ୍ୟରୁ ବାହାରେ ଥାଏ । ବ୍ୟାଙ୍କ୍ ଏଇ ବ୍ୟବଧାନ ବା ଅନ୍ତରକୁ ପୂର୍ଣ୍ଣ କରିବାକୁ ଆବାସ ଋଣ ବା ଗୃହ ଋଣ ପ୍ରଦାନ କରିଥାଏ ।<br>**ଶିକ୍ଷା ଋଣ**<br>ଉଚ୍ଚତର ଅଧ୍ୟୟନ କରିବାକୁ ଇଚ୍ଛା କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ୟାଙ୍କ୍ ଶିକ୍ଷା ଋଣ ପ୍ରାଦାନ କରିଥାଏ । ଏ ପ୍ରକାର ଛାତ୍ରର ପାଠ୍ୟକ୍ରମ ସମାପ୍ତି ପରେ ତଥା ଆୟ କରିବା ଆରମ୍ଭ କଲେ, ଏହି ଋଣ ପରିଶୋଧ କରାଯାଇଥାଏ ।<br>**କୃଷି ଋଣ**<br>ଚାଷୀମାନଙ୍କ ଆବଶ୍ୟକତାକୁ ପୂରଣ କରିବା ସକାଶେ ବ୍ୟାଙ୍କ୍ ବିଭିନ୍ନ ପ୍ରକାର କୃଷି ଋଣ ପ୍ରଦାନ କରିଥାଏ । ଚାଷୀ ଏହି ଋଣ ସହାୟତାରେ ବିହନ, କିଟନାଶକ, ଟ୍ରାକ୍ଟର ତଥା ଚାଷକାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଉପରଣ କିଣିପାରିବ । |

## ସନ୍ଦେଶ ୩ : ନିବେଶ, ବୀମା ଓ ପେନ୍‌ସନ ସମ୍ବନ୍ଧୀୟ ମୂଳଭୂତ କଥା

ନିବେଶ କରିବା ଗୋଟିଏ ବୃକ୍ଷରୋପଣ କରିବା ସହ ସମାନ । ଯଦି ନିୟମିତ ରୂପରେ ଦୃଷ୍ଟି ରାଖାଯାଏ ଏବଂ ଅଭିବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଏ ତା'ହେଲେ ଭଲ ରିଟର୍ଣ୍ଣ ପାଇପାରିବେ ।








ପରମ୍ପରାଗତ ଭାବରେ ନିବେଶକାରୀ ସୁନା, ଜମି ଓ ରିଅଲ୍ ଇଷ୍ଟେଟ୍‌ରେ ନିବେଶ କରିବାକୁ ପସନ୍ଦ କରିଥାନ୍ତି । ଏବେ କିନ୍ତୁ ବିତ୍ତୀୟ ସମ୍ପତ୍ତି ଯେପରିକି ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ଇତ୍ୟାଦିକୁ ପସନ୍ଦ କରୁଥିବା ନିବେଶକାରୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିବାର ଦେଖାଯାଉଛି ।

### ଷ୍ଟକ୍ ଏବଂ ମ୍ୟୁଚୁଆଲ୍ ଫଣ୍ଡ୍

ଶେୟାର/ଷ୍ଟକ୍ ଏକ କମ୍ପାନୀର ସ୍ୱାମୀତ୍ୱ ହିତକୁ ଦର୍ଶାଏ । ଶେୟାର ନିବେଶକଙ୍କୁ କମ୍ପାନୀର ଅଂଶୀଦାର ଅଧିକାର ପ୍ରଦାନ କରେ, ଯେଉଁଥିରେ ନିବେଶକ ବାର୍ଷିକ ସାଧାରଣ ସଭାରେ ଅଂଶଗ୍ରହଣ କରି ଭୋଟ୍ ଦେବା ଅଧିକାର ପାଇଥାଏ । ଏହି ଶେୟାର କମ୍ପାନୀ ଦ୍ୱାରା କରାଯାଉଥିବା କାର୍ଯ୍ୟର ଲାଭାଂଶ ଆଧାରିତ ରିଟର୍ଣ୍ଣ ପ୍ରାପ୍ତ କରେ । ଶେୟାରର ମୂଲ୍ୟ କମ୍ପାନୀର ଲାଭ ଅନୁଯାୟୀ ବୃଦ୍ଧି ଓ ହ୍ରାସ ହୋଇଥାଏ । ଅନେକ ପ୍ରକାର ଲାଭ ପ୍ରଦାନ କରିଥାଏ, କିନ୍ତୁ ନିବେଶକ ନିବେଶ କରିବା ପୂର୍ବରୁ କମ୍ପାନୀର ବ୍ୟବସାୟ ସମ୍ପର୍କରେ ଭଲ ଭାବରେ ଅବଗତ ହେବା ଉଚିତ୍ । ଜଣେ ଯଦି ଅଧିକ ସମୟ ପାଇଁ ନିବେଶିତ ରହିବାକୁ ଚାହେଁ ; ଏ ସବୁ ପ୍ରଡକ୍ଟ ସେଥିପାଇଁ ପ୍ରଯୁଜ୍ୟ ହୋଇଥାଏ ।

ସଂସାଧନକୁ ମୂଲ୍ୟବାନ ସମ୍ପତ୍ତି ସମୂହ ଭିତରେ କରାଯାଉଥିବା ଆବଣ୍ଟନ ହିଁ ନିବେଶ ଅଟେ ଯାହା ଭବିଷ୍ୟତରେ ଆୟ ସର୍ଜନ କରିବା କିମ୍ବା ମୂଲ୍ୟ ବୃଦ୍ଧି କରିବା ଅପେକ୍ଷା ରଖେ, (ଉଦାହରଣତଃ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଜମିକ୍ରୟ ଓ ବ୍ୟବସାୟ ଉଦ୍ୟୋଗମାନଙ୍କରେ ନିବେଶ) । ଅଧିକାଂଶ ଲୋକ ଷ୍ଟକ୍‌ମାର୍କେଟ୍‌ରେ ମ୍ୟୁଚୁଏଲ୍ ଫଣ୍ଡ ମାଧ୍ୟମରେ ନିବେଶ କରିଥାନ୍ତି ଅଥବା ଷ୍ଟକ୍‌ରେ ସିଧା ବେପାର କରିଥାନ୍ତି ।

ମ୍ୟୁଚୁଏଲ୍ ଫଣ୍ଡ୍ ଏକ ପ୍ରଣାଳୀ ଅଟେ, ଯହିଁରେ ସଂସାଧାନଗୁଡ଼ିକୁ ଠୁଳିଭୂତ କରିବା ପାଇଁ ନିବେଶକଙ୍କୁ ୟୁନିଟ୍ ଜାରି କରାଯାଏ ତଥା ପ୍ରସ୍ତାବ ଡକ୍ୟୁମେଣ୍ଟରେ ପ୍ରକାଶିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମୁତାବକ ପ୍ରତିଭୂତିରେ ଅର୍ଥ ଲଗାଣ କରାଯାଏ । ପ୍ରତିଭୂତିରେ ଯେଉଁ ନିବେଶ ହୁଏ, ତାହା ଉଦ୍ୟୋଗ ଓ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ରୂପେ ବିସ୍ତାରିତ ହୋଇଥାଏ, ଯାହାଦ୍ୱାରା କ୍ଷତିର ସମ୍ଭାବନା କମ୍ ହୋଇଥାଏ । ବିବିଧିକରଣ ମୋଟାମୋଟି ରିସ୍କ ହ୍ରାସ କରିଥାଏ,କାରଣ ସଧାରଣତଃ ସମସ୍ତ ଶେୟାର ଏକକାଳୀନ ଏକ ଦିଗରେ ସମାନ ରୂପରେ ଅଭିବୃଦ୍ଧି ହୁଏନାହିଁ । ମ୍ୟୁଚୁଏଲ୍ ଫଣ୍ଡ୍ ନିବେଶକଙ୍କ ଦ୍ୱାରା ଲଗାଣ କରାଯାଇଥିବା ଅର୍ଥର ମାତ୍ରା ଉପରେ ନିର୍ଭର କରି ୟୁନିଟ୍ ଜାରି କରିଥାଏ । ମ୍ୟୁଚୁଏଲ୍ ଫଣ୍ଡ୍‌ର ନିବେଶକମାନଙ୍କୁ ୟୁନିଟ୍‌ଧାରୀ ରୂପେ ଗ୍ରହଣ କରାଯାଇଥାଏ ।

ମ୍ୟୁଚୁଏଲ୍ ଫଣ୍ଡ୍ ସାଧାରଣତଃ ବିଭିନ୍ନ ନିବେଶ ଉଦ୍ଦେଶ୍ୟ ନେଇ ଯୋଜନା ରୂପରେ ପ୍ରସ୍ତୁତ କରାଯାଇଥାଏ ଯାହା ସମୟ ସମୟରେ ଆରମ୍ଭ କରାଯାଇଥାଏ । ମ୍ୟୁଚୁଏଲ୍ ଫଣ୍ଡ୍ ଲୋକଙ୍କ ଠାରୁ ନିଧି ଏକତ୍ର କରିବା ପୂର୍ବରୁ ଭାରତୀୟ ପ୍ରତିଭୂତି ଓ ବିନିୟମ ବୋର୍ଡ (ସେବି) ପାଖରେ ପଞ୍ଜିକୃତ କରିବା ଜରୁରୀ ଅଟେ, ଯିଏ ପ୍ରତିଭୂତି ବଜାରକୁ ନିୟନ୍ତ୍ରିତ କରେ ।

## ଗ୍ରୋଥ୍ / ଇକ୍ୟୁଟି ସମ୍ବନ୍ଧୀୟ ସ୍କିମ୍

ଗ୍ରୋଥ୍ ଫଣ୍ଡର ଉଦ୍ଦେଶ୍ୟ ହେଉଛି ମଧ୍ୟମ ଏବଂ ଦୀର୍ଘ ଅବଧି ହେତୁ ପୁଞ୍ଜି ସମ୍ବନ୍ଧୀୟ ଅଭିବୃଦ୍ଧି ପ୍ରଦାନ କରିବା । ଏ ପ୍ରକାର ଯୋଜନା ସାଧାରଣତଃ ଇକ୍ୱିଟିରେ ନିଜର ମୂଳ ପୁଞ୍ଜି ନିଧିର ଏକ ବଡ଼ ଅଂଶ ନିବେଶ କରେ । ଏପରି ଫଣ୍ଡ୍‌ରେ ଅପେକ୍ଷାକୃତ ଅଧିକ ବିପଦ ରହେ ।

## ଆୟ / ଋଣ ଉନ୍ମୁଖୀ ସ୍କିମ୍

ଆୟ ଫଣ୍ଡର ମୂଳ ଲକ୍ଷ୍ୟ ନିବେଶକର୍ତ୍ତାଙ୍କୁ ନିୟମିତ ଓ ସ୍ଥିର ଆୟ ପ୍ରଦାନ କରିବା । ଏପରି ଯୋଜନାଗୁଡ଼ିକ ସାଧାରଣତଃ ନିଶ୍ଚିତ ଆୟ ପ୍ରତିଭୂତି ଯେପରିକି ବଣ୍ଡ, କର୍ପୋରେଟ୍ ଡିବେଞ୍ଚର, ସରକାରୀ ପ୍ରତିଭୂତି ଓ ମନି ମାର୍କେଟ୍ ଇନ୍‌ଷ୍ଟ୍ରୁମେଣ୍ଟରେ ନିବେଶ କରନ୍ତି । ଇକ୍ୱିଟି ଯୋଜନାଗୁଡିକ ତୁଳନାରେ ଏପରି ଫଣ୍ଡ କମ୍ ବିପଦଯୁକ୍ତ ଅଟେ ।







ଭାରତର ଦୁଇଟି ଷ୍ଟକ୍ ଏକ୍ସଚେଞ୍ଜ, ଯେପରିକି ନ୍ୟାସ୍‌ନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଓ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ରେ ୫୦୦୦ରୁ ଅଧିକ କମ୍ପାନୀର ଶେୟାର ନିବେଶ ପାଇଁ ଉପଲବ୍ଧ ଅଟେ । ଷ୍ଟକ ଦଲାଲ୍‌ମାନଙ୍କ ମାଧ୍ୟମରେ କ୍ରୟ କରାଯାଇପାରିବ ଯହାକି ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ସହିତ ପଞ୍ଜିକୃତ ଅଟେ ।

## ବୀମାର ପରିଚୟ



ବୀମା ଏକ ଏପରି ବ୍ୟବସ୍ଥା ଅଟେ ଯାହା ମାଧ୍ୟମରେ ଯେକୌଣସି ବ୍ୟକ୍ତି ଆୟର ନିରନ୍ତରତା ପାଇଁ ଯୋଜନା ପ୍ରସ୍ତୁତ କରିପାରିବ ଯେତେବେଳେ କୋଣସି ଘଟଣା ଯେପରିକି ବିପତ୍ତି, ବେମାରୀ, ଦୁର୍ଘଟଣା, ମୃତ୍ୟୁ ଅଥବା ବାର୍ଦ୍ଧକ୍ୟ ହେତୁ ଆଜୀବନ ଅର୍ଜନ କରିବା କ୍ଷମତା ବାଧିତ ହୁଏ ।

ବୈଶ୍ୱିକ ରୂପେ ବୀମା ବ୍ୟବସାୟକୁ ଜୀବନ ବୀମା ଓ ସାଧାରଣ ବୀମା ରୂପେ ବର୍ଗୀକୃତ କରାଯାଏ । ଜୀବନବୀମା ପଲିସିକୁ ସୁରକ୍ଷା ପାଇଁ ଲାଭଦାୟକ ନୀତି କୁହାଯାଏ ଏବଂ ସାଧାରଣତଃ ପରିବାରର ଆୟକାରୀ ସଦସ୍ୟର ମୃତ୍ୟୁ ହେତୁ ଅପ୍ରତ୍ୟାଶିତ ପରିସ୍ଥିତି ବଦଳରେ ତାହାର ପରିବାରର ରକ୍ଷା କରିବାକୁ ଏହା ସାଧନ ବୋଲି ବିବେଚନା କରାଯାଏ ।

ଏହାବ୍ୟତୀତ ବିଭିନ୍ନ ପ୍ରକାର ଜୀବନବୀମା ପଲିସି ଥାଏ, ଯାହା ସଞ୍ଚୟକୁ ଏକତ୍ର କରିବାକୁ ସାହାଯ୍ୟ କରେ, ତଥା ଜୀବନବୀମାକୁ ଦୀର୍ଘକାଳୀନ ନିବେଶର ଏକ ମାଧ୍ୟମ ତିଆରି କରେ । ଏଣୁ ଏହାକୁ ଜୀବନର ବିଭିନ୍ନ ସ୍ତରରେ ଆବଶ୍ୟକତା ପୂରଣ କରିବା ପାଇଁ ଏକ ସଞ୍ଚୟ ଓ ଅର୍ଥ ଉଠାଣର ବିକଳ୍ପ ଭାବେ ଗ୍ରହଣ କରାଯାଏ । (ସାମାନ୍ୟତଃ) ବୀମା ଉଦ୍ୟୋଗ ଆର୍ଥିକ ସୁରକ୍ଷା ନିମନ୍ତେ ବ୍ୟକ୍ତିଙ୍କୁ, ତାଙ୍କ ପରିବାରକୁ, ବ୍ୟବସାୟୀ ଏବଂ ଉଦ୍ୟୋଗମାନଙ୍କୁ, ଅପ୍ରତ୍ୟାଶିତ ବିପଦ ଓ ସମ୍ପତ୍ତିରେ କ୍ଷତି ସମସ୍ୟାର ସମ୍ମୁଖୀନ ପାଇଁ ବିଭିନ୍ନ ସୁବିଧା ପ୍ରଦାନ କରିଥାନ୍ତି ।

## ପେନ୍‌ସନର ପରିଚୟ



ସେବାନିବୃତ୍ତି ପାଇଁ ଧନରାଶିର ଆକଳନ ମହତ୍ୱପୂର୍ଣ୍ଣ ଅଟେ କାରଣ ସମସ୍ତଙ୍କର ଆବଶ୍ୟକତା ଭିନ୍ନ ଭିନ୍ନ ରହିଥାଏ । ଏହା ଅଲଗା ଅଲଗା ବ୍ୟକ୍ତି ପାଇଁ ପରିସ୍ଥିତିଗତ ଭିନ୍ନତା ରହିଥାଏ । ସେବାନିବୃତ୍ତି ହେତୁ ଆବଶ୍ୟକତାକୁ ହିସାବ କରିବା ସମୟରେ ଆୟୁ ଆକଳନ, ମୁଦ୍ରାସ୍ଫିତ ଓ ସେବାନିବୃତ୍ତିର ଆୟୁକୁ ଧ୍ୟାନରେ ରଖିବା ଉଚିତ୍ ।

ମୁଦ୍ରାସ୍ଫୀତି ଉପଭୋକ୍ତା ବସ୍ତୁ ଓ ସେବା ସକାସେ ଏକ କ୍ରମବର୍ଦ୍ଧନଶୀଳ ଲଗାଣ । ଏହା ସେବାନିବୃତ୍ତିକୁ ଦୁଇ ପ୍ରକାର ପ୍ରଭାବିତ କରେ । ପ୍ରଥମତଃ ଏହାଦ୍ୱାରା ଜିନିଷପତ୍ରର ଦରଦାମ୍ ବଢ଼ିଥାଏ, ଯାହାଦ୍ୱାରା ନିର୍ଦ୍ଦିଷ୍ଟ ପରିମାଣର ଜିନିଷପତ୍ର କିଣିବା ମହଙ୍ଗା ହୋଇଯାଏ । ଦ୍ୱିତୀୟତଃ ମୁଦ୍ରାସ୍ଫୀତି ଯୋଗୁଁ ସେବାନିବୃତ୍ତି ସଞ୍ଚୟରେ ମୂଲ୍ୟ ମଧ୍ୟ କମ୍ ହୋଇଯାଏ । ରିଟାଏରମେଣ୍ଟ ଫଣ୍ଡ ଗଠନ କରିବା ସମୟରେ ଏହି ଦୁଇଟି କାରକ ପ୍ରତି ଧ୍ୟାନ ଦିଆଯିବା ଉଚିତ୍ ।

### ରାଷ୍ଟ୍ରୀୟ ପେନ୍‌ସନ ପ୍ରଣାଳୀ (NPS)

ଭାରତ ସରକାରଙ୍କ ଦ୍ୱାରା ଘୋଷିତ ବୃଦ୍ଧାବସ୍ଥା ସମୟରେ ଯେତେବେଳେ ଲୋକଙ୍କ ଆୟର ନିୟମିତ ସ୍ରୋତ ମିଳେ ନାହିଁ, ବିତ୍ତୀୟ ସୁରକ୍ଷା ଓ ସ୍ଥିରତା ପ୍ରଦାନ କରିବା ପାଇଁ ଏହାଏକ ପେନ୍‌ସନ ଯୋଜନା । ଏହା ଇଚ୍ଛାଧୀନ ଭାବରେ ୧୮ ରୁ ୬୦ ବର୍ଷ ମଧ୍ୟରେ ଥିବା ସମସ୍ତ ନାଗରିକଙ୍କ ପାଇଁ ଉପଲବ୍ଧ । ଏନ୍‌ପିଏସ୍‌ର ସଦସ୍ୟତା ଯେକୌଣସି ବ୍ୟକ୍ତି ହୋଇପାରେ, ଯାହା ମାଧ୍ୟମରେ ସକ୍ରିୟ ଜୀବନଯାପନ ସମୟରେ ବ୍ୟବସ୍ଥିତ ରୂପରେ ସଞ୍ଚୟ ଓ ନିବେଶ କରିବାକୁ ଜଣେ ସକ୍ଷମ ହୋଇପାରିବ । ଏହି ଯୋଜନାରେ ଭାଗନେବାକୁ ବାର୍ଷିକ ନ୍ୟୁନତମ ଟ.୫୦୦ ଟଙ୍କା ସଞ୍ଚୟ କରିବାକୁ ହେବ । ଯେତେବେଳେ କେହି ସେବାନିବୃତ୍ତି ହୋଇଯିବେ (ସାଧାରଣତଃ ୬୦ ବର୍ଷ ବୟସରେ) ଧନର ଏକ ଅଂଶ ତାଙ୍କୁ ମିଳିଯିବ ଏବଂ ଅବଶେଷ ମାସିକ ଆଧାରରେ ପାଇପାରିବେ । ଏନ୍‌ପିଏସ୍‌ରେ ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ସଞ୍ଚୟ କରମୁକ୍ତ ଅଟେ ।

## ସନ୍ଦେଶ ୪ : ଶିକ୍ଷା ଋଣ

ଶିକ୍ଷା ଋଣ ବିକଳ୍ପର ଲୋକପ୍ରିୟତା ପ୍ରତିବର୍ଷ ବଢ଼ିବାରେ ଲାଗିଛି । ବହୁ ସଂଖ୍ୟକ ବିଦ୍ୟାର୍ଥୀ ଶିକ୍ଷା ଋଣ ମାଧ୍ୟମରେ ଉଚ୍ଚଶିକ୍ଷା ସମ୍ବନ୍ଧୀୟ ଖର୍ଚ୍ଚକୁ ପୂରଣ କରିବାକୁ ବିକଳ୍ପ ଖୋଜି ଆସୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ନୂଆ ପୋର୍ଟାଲ ଆରମ୍ଭ କରାଯାଇଛି, ଯାହା ନା କେବଳ ଶିକ୍ଷା ଋଣ ସମ୍ପର୍କରେ ସୂଚନା ପ୍ରଦାନ କରିବ, ବ୍ୟାଙ୍କ୍ ପାଇଁ ସିଙ୍ଗିଲ୍ ୱିଣ୍ଡୋ ଆବେଦନ ପ୍ରକ୍ରିୟା ମଧ୍ୟ ଉପଲବ୍ଧ କରାଇଥାଏ ।

VIDYA LAKSHMI

Fulfilling Educational Aspirations

www.vidyalakshmi.co.in

| | |
|---|---|
| ସୋପାନ ୧ | ପଞ୍ଜୀକରଣ |
| ସୋପାନ ୨ | ଏକ ଫର୍ମ ପୂରଣ କରନ୍ତୁ |
| ସୋପାନ ୩ | ଅନେକ ବ୍ୟାଙ୍କ୍‌କୁ ଆବେଦନ କରନ୍ତୁ |

ବିଦ୍ୟାଲକ୍ଷ୍ମୀ (htpps://www,vidyalaxmi.co.in) ଶିକ୍ଷା ଋଣ ପ୍ରାପ୍ତ କରିବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ୱେବ୍ ଆଧାରିତ ପୋର୍ଟାଲ୍ ଅଟେ । ଏହା ବିଭିନ୍ନ ବ୍ୟାଙ୍କ୍‌ର ଶିକ୍ଷା ଋଣ ଯୋଜନାଗୁଡିକ ସମ୍ପର୍କରେ ସମସ୍ତ ସୂଚନା ଉପଲବ୍ଧ କରିବା ସକାଶେ ସିଙ୍ଗଲ୍ ୱିଣ୍ଡୋ ଇଲେକ୍‌ଟ୍ରୋନିକ୍ସ ପ୍ଲାଟଫର୍ମ ଅଟେ । ପୋର୍ଟାଲ୍‌ରେ ଉପଲବ୍ଧ ସାଧାରଣ ଶିକ୍ଷା ଋଣ ଆବେଦନ ବିଦ୍ୟାର୍ଥୀମାନଙ୍କୁ ଅନେକ ବ୍ୟାଙ୍କ୍‌ରେ ଆବେଦନ କରିବାକୁ ଓ ଆବେଦନର ସ୍ଥିତିକୁ ଦେଖିପାରିବାକୁ ବ୍ୟବସ୍ଥା କରେ ।

ଏହି ପୋର୍ଟାଲ୍ ଦ୍ୱାରା ଏକ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ ଲାଭାନ୍ୱିତ ହୋଇସାରିଛନ୍ତି ଏବଂ ୪୦ରୁ ଅଧିକ ସଂଖ୍ୟକ ବ୍ୟାଙ୍କ୍ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଋଣ ଉପଲବ୍ଧ କରାଇବାକୁ ପଞ୍ଜୀକୃତ ହୋଇଛନ୍ତି ।

### ଶିକ୍ଷା ଋଣ ସମ୍ପର୍କିତ ମହତ୍ୱପୂର୍ଣ୍ଣ ସୂଚନା

→ ଆଇବିଏ ଦ୍ୱାରା ନିର୍ମିତ ମୋଡେଲ୍ ଶିକ୍ଷା ଋଣ ଯୋଜନା ୨୦୧୫ ମୁତାବକ ଉଚ୍ଚଶିକ୍ଷା ପାଇଁ ଋଣ ରାଶିର ସର୍ବାଧିକ ସୀମା ନିଜ ଦେଶରେ ୧୦ଲକ୍ଷ ତଥା ବିଦେଶରେ ଶିକ୍ଷା ଲାଭ ପାଇଁ ସର୍ବାଧିକ ୨୦ ଲକ୍ଷ ଟଙ୍କା ରହିଛି ।

→ ୪ ଲକ୍ଷ ପର୍ଯ୍ୟନ୍ତ ଶିକ୍ଷା ଋଣ ପାଇଁ କୌଣସି ବନ୍ଧକର ଆବଶ୍ୟକତା ନାହିଁ ।

→ ସବୁ ପ୍ରକାର ଶିକ୍ଷା ଋଣର ପରିଶୋଧ ସମାନ ମାସିକ କିସ୍ତିରେ ୧୫ ବର୍ଷ ଅବଧି ପାଇଁ ଆବଣ୍ଟନ କରାଯିବ ।

→ ପାଠ୍ୟକ୍ରମ ପୂର୍ଣ୍ଣ ହେବାପରେ ଏକ ବର୍ଷର ଅବଧି ପରେ ପରିଶୋଧ ଆରମ୍ଭ ହୁଏ ।

## ସନ୍ଦେଶ ୫ : ବିତ୍ତୀୟ କ୍ଷେତ୍ରରେ ବିନିୟାମକ ସଂସ୍ଥାଗୁଡ଼ିକ

### ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ)

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦେଶର ସର୍ବୋଚ୍ଚ ମୁଦ୍ରା ପ୍ରାଧିକରଣ ଓ କେନ୍ଦ୍ରୀୟ ବ୍ୟାଙ୍କ୍ ଅଟେ । ଏହା ୧୯୩୫ ମସିହା ଅପ୍ରେଲ୍ ମାସ ୧ ତାରିଖ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଅଧିନିୟମ, ୧୯୩୪ ଅନୁସାରେ ସ୍ଥାପିତ ହୋଇଛି । ରିଜର୍ଭ ବ୍ୟାଙ୍କ୍‌ର ଗଭର୍ଣ୍ଣରଙ୍କ ଅଧ୍ୟକ୍ଷତାରେ ଥିବା କେନ୍ଦ୍ରୀୟ ନିର୍ଦ୍ଦେଶକ ମଣ୍ଡଳକୁ ରିଜର୍ଭ ବ୍ୟାଙ୍କ୍‌ର ସାଧାରଣ ନିର୍ଦ୍ଦେଶ ଓ ଅଧୀକ୍ଷଣ ସକାଶେ କ୍ଷମତା ପ୍ରଦାନ କରାଯାଇଛି । କେନ୍ଦ୍ରିୟ ବୋର୍ଡକୁ ଦିଲ୍ଲୀ, କୋଲ୍‌କାତା, ଚେନ୍ନାଇ ଓ ମୁମ୍ବାଇସ୍ଥିତ ୪ଟି ସ୍ଥାନୀୟ ବୋର୍ଡଗୁଡିକ ଦ୍ୱାରା ସମର୍ଥିତ କରାଯାଇଥାଏ ।

### ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଭୂମିକା

- **ମୁଦ୍ରା ଜାରିକରିବା**

  ଭାରତ ସରକାରଙ୍କ ସହିତ ମିଶି ଭାରତୀୟ ରିଜର୍ଭ ବ୍ୟାଙ୍କ୍ ରାଷ୍ଟ୍ରର ମୁଦ୍ରା ଡିଜାଇନ୍ ଉତ୍ପାଦନ ଓ ସମଗ୍ର ପ୍ରବନ୍ଧନ ଏବଂ ସ୍ୱଚ୍ଛ ଓ ଅସଲି ନୋଟ୍‌ର ପର୍ଯ୍ୟାପ୍ତ ଆପୂର୍ତ୍ତି ସୁନିଶ୍ଚିତ କରିବା ସକାଶେ ଉତ୍ତରଦାୟୀ ।

- **ସରକାରଙ୍କ ବ୍ୟାଙ୍କ୍**

  ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସରକାରଙ୍କ ବ୍ୟାଙ୍କ ଅଟେ । ଆଉ ମଧ୍ୟ ଯେଉଁ ରାଜ୍ୟ ସରକାରଗୁଡ଼ିକ ଏହା ସହିତ ଚୁକ୍ତିବଦ୍ଧ ତାଙ୍କ ପାଇଁ ଏହା ବ୍ୟାଙ୍କର ଭୂମିକା ଗ୍ରହଣ କରିବ ।

- **ବ୍ୟାଙ୍କମାନଙ୍କ ପାଇଁ ବ୍ୟାଙ୍କ୍**

  ବ୍ୟାଙ୍କମାନଙ୍କ ବ୍ୟାଙ୍କ ରୂପେ ରିଜର୍ଭ ବ୍ୟାଙ୍କ୍ ଆନ୍ତଃବ୍ୟାଙ୍କ୍ ସମାଶୋଧନର ସମାଧାନ, ବ୍ୟାଙ୍କ୍ ପାଇଁ ଧନ ହସ୍ତାନ୍ତରତାର ଯୋଗ୍ୟ ସାଧନ,ସାୟନ୍ଧିକ ଆରକ୍ଷିତ ଆବଶ୍ୟକତାର ପ୍ରୟୋଜନ ସକାଶେ ବ୍ୟାଙ୍କ୍‌ର ଖାତାକୁ ଚାଲୁ ରଖିବା ଓ ଅନ୍ତିମ ଉଧାରଦାତାର ଦାୟିତ୍ୱଗୁଡ଼ିକୁ ନିର୍ବାହନ କରେ ।

- **ମୁଦ୍ରା ନୀତିର ପରିଚାଳନା**

  ମୂଲ୍ୟ ସ୍ଥିରତା ଶତତ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ଅଟେ । ମୁଦ୍ରା ନୀତିର ପ୍ରାଥମିକ ଉଦ୍ଦେଶ୍ୟ ବିକାଶକୁ ଧ୍ୟାନରେ ରଖି ମୂଲ୍ୟ ସ୍ଥିରତାକୁ ବଜାୟ ରଖିବା ।

- **ବିକାଶ କାର୍ଯ୍ୟ**

  ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଉଦ୍ଦେଶ୍ୟ- (କ) ଅର୍ଥ ବ୍ୟବସ୍ଥାର ଉତ୍ପାଦନ କ୍ଷେତ୍ରମାନଙ୍କ ଋଣର ଉପଲବ୍ଧତା ସୁନିଶ୍ଚିତ କରିବା । (ଖ) ଦେଶର ବିତ୍ତୀୟ ବୁନିଆଦି ଢାଞ୍ଚାକୁ ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ସଂସ୍ଥାନମାନଙ୍କୁ ସ୍ଥାପିତ କରିବା । (ଗ) ଶସ୍ତା ବିତ୍ତୀୟ ସେବା ଉପଲବ୍ଧ କରାଇବା ଏବଂ (ଘ) ବିତ୍ତୀୟ ସାକ୍ଷରତା ଅଭିବୃଦ୍ଧି କରିବା ।

- **ବ୍ୟାଙ୍କ୍‌ମାନଙ୍କ ବିନିୟାମକ ଓ ପର୍ଯ୍ୟବେକ୍ଷଣ**

  ବ୍ୟାଙ୍କିଙ୍ଗ୍ ପ୍ରଣାଳୀରେ ବିନିୟାମକ ଓ ପର୍ଯ୍ୟବେକ୍ଷକ ରୂପରେ ରିଜର୍ଭ ବ୍ୟାଙ୍କ୍ ଜମାକର୍ତ୍ତାଗୁଡିକଙ୍କ ସ୍ୱାର୍ଥରକ୍ଷା, ଗ୍ରାହକଙ୍କ ସ୍ୱାର୍ଥ ଅନୁକୂଳ ବ୍ୟାଙ୍କିଙ୍ଗ୍ କାର୍ଯ୍ୟର ସୁବ୍ୟବସ୍ଥିତ ବିକାଶ ହେତୁ ଏକ ଫ୍ରେମ୍‌ୱାର୍କ ଏବଂ ନିବାରକ ଓ ସୁଧାରାତ୍ମକ ଉପାୟ ମାଧ୍ୟମରେ ସମଗ୍ର ବିତ୍ତୀୟ ସ୍ଥିରତାକୁ ବଜାୟ ରଖିବାକୁ ସୁନିଶ୍ଚିତ କରେ

- **ପ୍ରଦାନ ଓ ସମାଧାନ ପ୍ରଣାଳୀର ବିନିୟାମକ**

  ରିଜର୍ଭ ବ୍ୟାଙ୍କ୍ ଦେଶରେ ଅଧିକୃତ, ସୁରକ୍ଷିତ, ସୁଦୃଢ଼, କୁଶଳ, ଶୁଲଭ, ତଥା ପ୍ରଦାନ ପ୍ରଣାଳୀର ବିକାଶ ପାଇଁ ଧ୍ୟାନ କେନ୍ଦ୍ରିତ କରେ ।

- **ବିତ୍ତୀୟ ସ୍ଥିରତା ବଜାୟ ରଖିବା**

  ବିତ୍ତୀୟ ସ୍ଥିରତାକୁ ନିରନ୍ତର ପରିଚାଳନା ଓ ପର୍ଯ୍ୟବେକ୍ଷଣ ମାଧ୍ୟମରେ ରିଜର୍ଭ ବ୍ୟାଙ୍କ୍ ବିତ୍ତୀୟ ସ୍ଥିରତାକୁ ବଜାୟ ରଖେ ।

# ଅନ୍ୟାନ୍ୟ ବିତ୍ତୀୟ ବିନିୟାମକ

## ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)

ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡକୁ ୧୯୮୮ ମସିହାରେ ଏକ ପ୍ରଶାସନିକ ସଂସ୍ଥାନ ରୂପରେ ସ୍ଥାପନ କରାଯାଇଥିଲା । ଏହାକୁ ସେବି ଅଧିନିୟମ ୧୯୯୨ର ପ୍ରାବଧାନ ଅନୁଯାୟୀ ୧୨ ଅପ୍ରେଲ୍ ୧୯୯୨ରେ ଏକ ସ୍ୱାୟତ୍ତ ବୈଧାନିକ ସଂସ୍ଥା ଭାବରେ ଗଠନ କରାଗଲା । ସେବିର ସ୍ଥାପନ ମୁଖ୍ୟତଃ ପ୍ରତିଭୂତି ବଜାରରେ ନିବେଶକର ସ୍ୱାର୍ଥରକ୍ଷା ପାଇଁ ଗଠନ କରାଯାଇଥିଲା । ଏହାକୁ ପ୍ରତିଭୂତି ବଜାରକୁ ବିକଶିତ ଓ ଉନ୍ନତି ପାଇଁ ବଜାରକୁ ନିୟନ୍ତ୍ରଣ କରିବା କାର୍ଯ୍ୟ ମଧ୍ୟ ଅର୍ପିତ ହୋଇଛି । ସେବିର ମୁଖ୍ୟାଳୟ ମୁମ୍ବାଇରେ ଅବସ୍ଥିତ ।

## ଭାରତୀୟ ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ)

ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ଏକ ବୈଧାନିକ ସଂସ୍ଥାନ ଅଟେ ଯାହାକୁ ଭାରତରେ ବୀମା କ୍ଷେତ୍ରକୁ ବିନିୟମିତ କରିବା ଓ ବିକଶିତ କାର୍ଯ୍ୟ କରିବାର ଦାୟିତ୍ୱ ପ୍ରଦାନ କରାଯାଇଛି । ଏହାର ସ୍ଥାପନା ଆଇଆର୍‌ଡିଏଆଇ ଅଧିନିୟମ ୧୯୯୯ର ପ୍ରାବଧାନ ଅନୁସାରେ କରାଯାଇଛି । ଏହାର ମୁଖ୍ୟାଳୟ ହାଇଦ୍ରାବାଦରେ ଅବସ୍ଥିତ ।

## ବିତ୍ତୀୟକ୍ଷେତ୍ରର ଅନ୍ୟ ବିନିୟାମକ ଗଣ

ଭାରତରେ ବିତ୍ତୀୟ ପ୍ରଣାଳୀ ଯଥା ବୀମା, ପୁଞ୍ଜି ବଜାର ଓ ପେନ୍‌ସନ ନିଧି ସମ୍ବନ୍ଧୀୟ କ୍ଷେତ୍ର ସ୍ୱତନ୍ତ୍ର ନିୟାମକ ଦ୍ୱାରା ବିନିୟମିତ ହୋଇଥାଏ ।

## ପେନ୍‌ସନ ନିଧି ବିନିୟାମକ ଓ ବିକାଶ ପ୍ରାଧିକରଣ

ପେନ୍‌ସନ ନିଧି ବିନିୟାମକ ଓ ବିକାଶ ପ୍ରାଧିକରଣ ଭାରତ ସରକାରଙ୍କ ଦ୍ୱାରା ୨୩ ଅଗଷ୍ଟ ୨୦୦୩ ଦିନ ସ୍ଥାପିତ କରାଗଲା । ସରକାର ୧୦ ଅକ୍ଟୋବର ୨୦୦୩ର କାର୍ଯ୍ୟାଦେଶ ମାଧ୍ୟମରେ ପିଏଫ୍‌ଆର୍‌ଡିଏକୁ ପେନ୍‌ସନ ସେକ୍ଟରରେ ବିନିୟାମକର କାର୍ଯ୍ୟ ପ୍ରଦାନ କରାଇଥିଲେ । ପିଏଫ୍‌ଆର୍‌ଡିଏର ଉଦ୍ଦେଶ୍ୟ ଭାରତର ପେନ୍‌ସନ କ୍ଷେତ୍ରରେ ବିକାଶ ଏବଂ ବିନିୟମିତ କରିବା ଅଟେ । ଭାରତରେ ପିଏଫ୍‌ଆର୍‌ଡିଏ ଅଧିନିୟମ ୨୦୧୩ର ପ୍ରାବଧାନ ଅନୁଯାୟୀ ଏହାକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ଏହାର ମୁଖ୍ୟାଳୟ ନୂଆଦିଲ୍ଲୀରେ ଅବସ୍ଥିତ ।

# ଲକ୍ଷ୍ୟବିଶିଷ୍ଟ ଆର୍ଥିକ ସକ୍ଷରତା ସାମଗ୍ରୀ

ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଶ୍ରୀ ଦୀପକ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟିର ଏକ ସୁପାରିସରେ ବିତ୍ତ ସମାବେଶନ ଉପରେ ମଧ୍ୟାବଧି ପଥ ସମ୍ବନ୍ଧୀୟ ସମିତିର ଏକ ସୁପାରିସ ଗୁଡ଼ିକରେ ଏହା ଉପଲବ୍ଧ ଯେ, ଆର୍ଥିକ ଶିକ୍ଷା ସକାଶେ 'ସଭିଙ୍କ ପାଇଁ ଏକ ପ୍ରକାର ଶିକ୍ଷା' ବିଶିଷ୍ଟ ଦୃଷ୍ଟି କୋଣ ହୁଏତ ଉଚିତ୍ ହେବ ନାହିଁ । କାରଣ ବିଭିନ୍ନ ଲକ୍ଷ୍ୟ ସମୂହର ବିଭିନ୍ନ ପ୍ରକାରର ଆର୍ଥିକ ଶିକ୍ଷାର ଆବଶ୍ୟକତା ରହେ । ପରିଣାମ ସ୍ୱରୂପ, ସାକ୍ଷରତା ସାମଗ୍ରୀକୁ ବିଭିନ୍ନ ଲକ୍ଷ୍ୟ ସମୂହ ପାଇଁ ଅନୁକୂଳ କରିବା ଆବଶ୍ୟକତା ରହିଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ ୫ଟି ଅଲଗା ଅଲଗା ଗୋଷ୍ଠୀ ଯଥା- ଚାଷୀ, ଲଘୁ-ଉଦ୍ୟୋଗୀ, ସ୍କୁଲ୍ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅନୁକୂଳ ଆର୍ଥିକ ସାକ୍ଷରତା ସାମଗ୍ରୀ ଶୃଙ୍ଖଳାରେ ୫ଟି ପୁସ୍ତିକା ପ୍ରସ୍ତୁତ କରିଛି । ଏହି ଆନୁକୁଳିତ ପୁସ୍ତକ ସେଥିମଧ୍ୟରୁ ଗୋଟିଏ ।

**ସତ୍ତ୍ୱ ପ୍ରତ୍ୟାଖ୍ୟାନ**

ଏହି ପୁସ୍ତକଟି ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ଓ ମାର୍ଗ ଦର୍ଶନ ନିମିତ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଶିକ୍ଷା ପ୍ରାବଧାନ ଉଦ୍ଦିଷ୍ଟ । ଏହାର ଉଦ୍ଦେଶ୍ୟ କୌଣସି ବି ଆର୍ଥିକ ଉତ୍ପାଦ / ଉତ୍ପାଦ ଗୁଡ଼ିକ ବା ସେବା ସମ୍ବନ୍ଧୀୟ ନିର୍ଣ୍ଣୟ ନେବା ପାଇଁ ପାଠକଙ୍କୁ କହିବା ନୁହେଁ ।

**କପିରାଇଟ୍**

ପ୍ରଥମ ପ୍ରକାଶ - ଅପ୍ରେଲ୍ ୨୦୧୮

ଏହି ସାମଗ୍ରୀକୁ ପୁନଃ ପ୍ରସ୍ତୁତ କରିବା ପାଇଁ ଅନୁମତି ରହିଛି । କିନ୍ତୁ ସାମଗ୍ରୀ ସ୍ରୋତର ଅଭିସ୍ୱୀକୃତି ଆବଶ୍ୟକ ।

**ରଚନା ଓ ପ୍ରକାଶନ**

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ସହିଦ୍ ଭଗତ୍ ସିଂହ ମାର୍ଗ,

ଫୋର୍ଟ

ମୁମ୍ବାଇ - ୪୦୦୦୦୧, ଭାରତ

**ସ୍ୱୀକାର**

ଡିଜାଇନ୍- କୌଶିକ୍ ରାମଚନ୍ଦ୍ରନ୍

## ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ଫୋର୍ଟ, ମୁମ୍ବାଇ - ୪୦୦୦୦୧, ଭାରତ